# NATIONAL NEWS BULLETIN (ODIA)

**5 January - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ସୋମନାଥ ମନ୍ଦିରର ଅସ୍ତିତ୍ୱ ଦେଶର ବିଗତ ହଜାରେ ବର୍ଷର ସଭ୍ୟତାର ଭାବନାକୁ ପ୍ରତିଫଳିତ କରୁଛି - କହିଲେ ପ୍ରଧାନମନ୍ତ୍ରୀ ।

- ଭାରତୀୟ ତଟରକ୍ଷୀ ବାହିନୀରେ ସାମିଲ ହେଲା ସ୍ୱଦେଶୀ ଡିଜାଇନରେ ପ୍ରସ୍ତୁତ ଜାହାଜ 'ସମୁଦ୍ର ପ୍ରତାପ' ।

- ଦେଶରେ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ୬ଗୁଣା ଏବଂ ରପ୍ତାନୀ ୮ଗୁଣା ବୃଦ୍ଧି ପାଇଥିବା ନେଇ ସୂଚନା ଦେଲେ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ।

- ଭେନେଜୁଆଲାରେ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନ ପରିପ୍ରେକ୍ଷୀରେ ଆଜି ଅନୁଷ୍ଠିତ ହେବାକୁ ଯାଉଛି ଜାତିସଂଘ ସୁରକ୍ଷା ପରିଷଦର ଜରୁରୀ ବୈଠକ ।

ଏବଂ

- ଦକ୍ଷିଣ ଆଫ୍ରିକାର ବେନୋନିଠାରେ ଜାରି ରହିଛି ୧୯ବର୍ଷରୁ କମ୍ ଭାରତ-ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଯୁବ ଆନ୍ତର୍ଜାତିକ ଏକଦିବସୀୟ କ୍ରିକେଟ୍ ମ୍ୟାଚ୍ ।

# ପିଏମ୍-ସୋମନାଥ

ବିଗତ ୧୦୦୦ବର୍ଷ ଧରି ସୋମନାଥ ମନ୍ଦିରର ଅସ୍ତିତ୍ୱ ଦେଶର ଅଦମ୍ୟ ସଭ୍ୟତାର ଭାବନାକୁ ପ୍ରତିଫଳିତ କରୁଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ୧ହଜାର ୨୬ ବର୍ଷ ଆୟୁର ସୋମନାଥ ମନ୍ଦିର ଉପରେ ହୋଇଥିବା ପ୍ରଥମ ଆକ୍ରମଣର ଏକହଜାର ବର୍ଷର ଐତିହାସିକ ମାଇଲଖୁଣ୍ଟକୁ ଚିହ୍ନିତ କରି ଏକ ସମ୍ପାଦକୀୟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ସୋମନାଥ ଶବ୍ଦ ଶୁଣିବା ଦ୍ୱାରା ଲୋକଙ୍କ ହୃଦୟ ଏବଂ ମନରେ ଗର୍ବର ଭାବନା ସୃଷ୍ଟି ହୁଏ । ଏହା ହେଉଛି ଦେଶର ଆତ୍ମାର ଚିରନ୍ତର ଘୋଷଣା । ଏହି ଭବ୍ୟ ମନ୍ଦିର ଗୁଜୁରାଟର ପଶ୍ଚିମ ଉପକୂଳରେ ପ୍ରଭାସ ପାଟନ ନାମକ ଏକ ସ୍ଥାନରେ ଅବସ୍ଥିତ । ପ୍ରଧାନମନ୍ତ୍ରୀ କହିଛନ୍ତି ସୋମନାଥଙ୍କ କାହାଣୀ କେବଳ ଏକ ମନ୍ଦିର ବିଷୟରେ ନୁହେଁ ବରଂ ଏହା ଦେଶର ସଂସ୍କୃତି ଏବଂ ସଭ୍ୟତାକୁ ସୁରକ୍ଷିତ ରଖିଥିବା ଭାରତମାତାର ଅସଂଖ୍ୟ ସନ୍ତାନଙ୍କ ଅତୁଟ ସାହସ ସହ ଜଡିତ । କୋଟି କୋଟି ଲୋକଙ୍କ ଦ୍ୱାରା ସମ୍ମାନିତ ସୋମନାଥ ମନ୍ଦିର ଉପରେ ବିଦେଶୀ ଆକ୍ରମଣ ସମୟର ସ୍ମୃତିଚାରଣ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଏକହଜାର ୨୬ ଜାନୁଆରୀରେ ଗଜନୀର ମହମୁଦ୍ ଏହି ମନ୍ଦିର ଉପରେ ଆକ୍ରମଣ କରିଥିଲେ । ଏକ ହିଂସାତ୍ମକ ତଥା ବର୍ବରୋଚିତ ଆକ୍ରମଣ ଜରିଆରେ ବିଶ୍ୱାସର ଓ ସଭ୍ୟତାର ଏହି ମହାନ ପ୍ରତୀକକୁ ସେ ଧ୍ୱଂସ କରିବାକୁ ଚାହୁଁଥିଲେ । ୧ହଜାର ବର୍ଷ ପରେ ମଧ୍ୟ ସୋମନାଥକୁ ଏହାର ଭବ୍ୟ ସ୍ଥିତିକୁ ଫେରାଇ ଆଣିବା ଲାଗି

ହୋଇଥିବା ଅଗଣିତ ପ୍ରୟାସରେ ଏହି ମନ୍ଦିର ଆଜି ମଧ୍ୟ ପୂର୍ବଭଳି ଗୌରବମୟ ହୋଇ ରହିଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

ସୋମନାଥ ମନ୍ଦିରର ପୁନରୁଦ୍ଧାରରେ ଯୋଗଦେଇଥିବା ବ୍ୟକ୍ତିମାନଙ୍କ ଉଦ୍ୟମକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ କହିଛନ୍ତି ୨୦୨୬ରେ ଆଉଏକ ଗୁରୁତ୍ୱପୂର୍ଣ୍ଣ ମାଇଲ୍‌ଖୁଣ୍ଟ ସ୍ଥାପନ ହେବ । ପୁନରଉଦ୍ଧାର ହୋଇଥିବା ସୋମନାଥ ମନ୍ଦିରକୁ ଭକ୍ତମାନଙ୍କ ପାଇଁ ଖୋଲିବାର ୭୫ ବର୍ଷ ପୂରଣ ହେବ । ପ୍ରଧାନମନ୍ତ୍ରୀ କହିଥିଲେ ୧୯୫୧ ମସିହା ମେ’ ମାସରେ ତତ୍କାଳୀନ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦଙ୍କ ଉପସ୍ଥିତିରେ ପୁନଃସ୍ଥାପିତ ସୋମନାଥ ମନ୍ଦିରର ଦ୍ୱାର ଭକ୍ତମାନଙ୍କ ପାଇଁ ପୁଣିଥରେ ଖୋଲାଯାଇଥିଲା । ଦେଶ ସ୍ୱାଧୀନତା ପରେ ସୋମନାଥ ମନ୍ଦିରର ପୁର୍ନନିର୍ମାଣର ପବିତ୍ର ଦାୟିତ୍ୱ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଉପରେ ନ୍ୟସ୍ତ ଥିଲା । ଶ୍ରୀ ମୋଦୀ କହିଥିଲେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଏହି କାର୍ଯ୍ୟକ୍ରମକୁ ସମର୍ଥନ କରୁନଥିଲେ କି ଶୀର୍ଷ ସାମ୍ବିଧାନିକ କର୍ତ୍ତୃପକ୍ଷମାନେ ଏଥିରେ ସାମିଲ ହୁଅନ୍ତୁ ବୋଲି ସେ ଚାହୁଁନଥିଲେ । ଆଜି ମଧ୍ୟ ଜନସାଧାରଣଙ୍କ ମନ ଓ ଆତ୍ମାକୁ ଜାଗ୍ରତ କରିବାର ଶକ୍ତି ସୋମନାଥଙ୍କ ପାଖରେ ରହିଛି ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ।

# ସମୁଦ୍ର ପ୍ରତାପ

ଭାରତୀୟ ତଟରକ୍ଷୀ ବାହିନୀର ପ୍ରଥମ ସ୍ୱଦେଶୀ ଡିଜାଇନ୍‌ରେ ନିର୍ମିତ ପ୍ରଦୂଷଣ ନିୟନ୍ତ୍ରଣ ଜାହାଜ 'ସମୁଦ୍ର ପ୍ରତାପ'କୁ ଆଜି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ' ଗୋଆଠାରେ ଲୋକାର୍ପଣ କରିଛନ୍ତି । ସମୁଦ୍ର ପ୍ରତାପକୁ କାର୍ଯ୍ୟକ୍ଷମ କରିବା ଅବସରରେ ପ୍ରତିରକ୍ଷାମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି ଏହି ଜାହାଜ ଦେଶର ସାମୁହିକ ସଂକଳ୍ପ ଏବଂ ସାମୁଦ୍ରିକ ଆତ୍ମବିଶ୍ୱାର ପ୍ରତୀକ । ଏହି ଜାହାଜ ପ୍ରବାଳ ପ୍ରାଚୀର ଏବଂ ଉପକୂଳବର୍ତ୍ତୀ ସଂପ୍ରଦାୟର ସୁରକ୍ଷା କରିବ । ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ସାମୁଦ୍ରିକ ଜୈବ ବିବିଧତାର ସୁରକ୍ଷା ଏକ ନୈତିକ ଦାୟିତ୍ୱ ବୋଲି ଶ୍ରୀ ସିଂହ ଗୁରୁତ୍ୱାରୋପ କରିଛନ୍ତି । ଭବିଷ୍ୟତର ପ୍ରକଳ୍ପ ଗୁଡ଼ିକରେ ୯୦ ପ୍ରତିଶତ ସ୍ୱଦେଶୀକରଣ ପାଇଁ ଲକ୍ଷ୍ୟ ରଖିବାକୁ ପ୍ରତିରକ୍ଷାମନ୍ତ୍ରୀ ଶିଳ୍ପଜଗତକୁ ଆହ୍ୱାନ ଦେଇଛନ୍ତି ।

**V/O (Rajnath Singh)**

୧୧୪ ଦଶମିକ ୫ ମିଟର ଲମ୍ବ ଏହି ଜାହାଜରେ ୬୦ ପ୍ରତିଶତରୁ ଅଧିକ ସ୍ୱଦେଶୀ ଯନ୍ତ୍ରପାତି ରହିଛି । ସାମୁଦ୍ରିକ ପ୍ରଦୂଷଣ ନିୟନ୍ତ୍ରଣ ନିୟମାବଳୀ, ଏ ସଂକ୍ରାନ୍ତ ଆଇନର କାର୍ଯ୍ୟାନ୍ୱୟନ, ସନ୍ଧାନ ଏବଂ ଉଦ୍ଧାର କାର୍ଯ୍ୟ ଓ ଦେଶର ସ୍ୱତନ୍ତ୍ର ଅର୍ଥନୈତିକ କ୍ଷେତ୍ରକୁ ସୁରକ୍ଷା ପ୍ରଦାନ କରିବାରେ ଏହି ଜାହାଜ 'ସମୁଦ୍ର ପ୍ରତାପ' ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କୁହାଯାଇଛି । ଗୋଆ ସିପ୍‌ୟାର୍ଡ଼ ଲିମିଟେଡ୍‌ଠାରେ ଗତ ମାସରେ ତଟରକ୍ଷୀ ବାହିନୀକୁ ଏହି ଜାହାଜକୁ ଆନୁଷ୍ଠାନିକ ଭାବେ ପ୍ରଦାନ କରାଯାଇଛି ।

# ଖଲିଦ-ସୁପ୍ରିମକୋର୍ଟ ବେଲ୍

୨୦୨୦ ଦିଲ୍ଲୀ ଦଙ୍ଗା ଷଡ଼ଯନ୍ତ୍ର ମାମଲାରେ କଥିତ ଅଭିଯୁକ୍ତ ଉମର ଖଲିଦ ଏବଂ ସରଜିଲ୍ ଇମାମଙ୍କୁ ଜାମିନ ଦେବାପାଇଁ ସୁପ୍ରିମକୋର୍ଟ ପ୍ରତ୍ୟାଖାନ କରିଛନ୍ତି । ବେଆଇନ କାର୍ଯ୍ୟକଳାପ ପ୍ରତିରୋଧ ଅଧିନିୟମ ୟୁ.ଏ.ପି.ଏ ଅନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ ଆପାତ ପ୍ରମାଣ ଆଧାରରେ ମାମଲା ରହିଛି ବୋଲି ଜଷ୍ଟିସ ଅରବିନ୍ଦ କୁମାର ଏବଂ ଜଷ୍ଟିସ ଏନ୍.ଭି. ଅଞ୍ଜାରିଆଙ୍କୁ ନେଇ ଖଣ୍ଡପୀଠ ଦର୍ଶାଇଛନ୍ତି । ତେବେ ଏହି ମାମଲାରେ ଅନ୍ୟ ୫ଜଣ ଅଭିଯୁକ୍ତ ଗୁଲ୍‌ଫିସା ଫାତିମା, ମିରାନ୍ ହାଇଦର, ସିଫା ଉର୍ ରହେମାନ, ସଲିମ ଖାନ୍ ଏବଂ ସାଦାବ ଅହମ୍ମଦଙ୍କୁ ଖଣ୍ଡପୀଠ ଜାମିନ ପ୍ରଦାନ କରିଛନ୍ତି ।

# ଅଶ୍ୱିନୀ ବୈଷ୍ଣବ

ଦେଶରେ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ୬ ଗୁଣ ବୃଦ୍ଧିପାଇଛି ଏବଂ ଗତ ୧୧ବର୍ଷ ମଧ୍ୟରେ ରପ୍ତାନୀ ୮ ଗୁଣା ବୃଦ୍ଧି ପାଇଛି ବୋଲି କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି ୨୦୨୫ରେ ଆପଲ ୫୦ ବିଲିୟନ ଆମେରିକୀୟ ଡଲାର ମୂଲ୍ୟର

ମୋବାଇଲ ଫୋନ୍ ବାହାରକୁ ପଠାଇଥିଲା । ମନ୍ତ୍ରୀ କହିଛନ୍ତି ଲାପ୍‌ଟପ, ସର୍ଭର ଏବଂ ଶ୍ରବଣଯୋଗ୍ୟ ୪୬ଟି କମ୍ପୋନେଟ୍ ଉତ୍ପାଦନର ନିର୍ମାତା ଦେଶର ଉତ୍ପାଦନ ଅର୍ଥ ବ୍ୟବସ୍ଥାର ପ୍ରମୁଖ ବାହକ ହୋଇଛନ୍ତି । ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଷେତ୍ରରେ ମୋଟ୍ ୨୫ଲକ୍ଷ ନିଯୁକ୍ତି ରହିଛି ଏବଂ ଅନେକ କାରଖାନାରେ ଗୋଟିଏ ସ୍ଥାନରେ ୫ହଜାରରୁ ଅଧିକ କର୍ମଚାରୀ ନିଯୁକ୍ତି ପାଇଛନ୍ତି । କେତେକ କାରଖାନାରେ ମଧ୍ୟ ଗୋଟିଏ ସ୍ଥାନରେ ୪୦ହଜାର କର୍ମଚାରୀ କାମ କରୁଛନ୍ତି । ଡିଜାଇନ୍, ଉତ୍ପାଦନ, ଅପରେଟିଂ ସିଷ୍ଟମ, ଆପ୍ଲିକେସନ, ସାମଗ୍ରୀ ଏବଂ ଉପକରଣ ସମେତ ସମଗ୍ର ଇଲେକ୍ଟ୍ରୋନିକ୍ସ ଷ୍ଟାକରେ ଭାରତ ଏକ ପ୍ରମୁଖ ଖେଳାଳି ବୋଲି ମନ୍ତ୍ରୀ କହିଛନ୍ତି । ଚଳିତବର୍ଷ ଦେଶରେ ୪ଟି ସେମିକଣ୍ଡକ୍ଟର ପ୍ରକଳ୍ପ ବ୍ୟବସାୟିକ ଉତ୍ପାଦନ ଆରମ୍ଭ କରିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

## ଭିପି-ଏନ୍‌ସିସି

ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ କହିଛନ୍ତି ଅପରେସନ ସିନ୍ଦୂର ସମୟରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ-ଏନ୍‌ସିସି  ପ୍ରଶଂସନୀୟ ଭୂମିକା ଗ୍ରହଣ କରିଥିଲା । ନୂଆଦିଲ୍ଲୀରେ ଏନ୍‌ସିସି ଗଣତନ୍ତ୍ର ଦିବସ ପରେଡ୍ ଶିବିର ୨୦୨୬କୁ ସମ୍ବୋଧନ କରି ଆଜି ଉପରାଷ୍ଟ୍ରପତି କହିଛନ୍ତି ଦେଶର ଜାତୀୟ ସମ୍ମାନ ସାର୍ବଭୌମତ୍ୱ ଏବଂ ଲୋକଙ୍କୁ ସୁରକ୍ଷା ପ୍ରଦାନ କରିବାରେ

ଅପରେସନ ସିନ୍ଦୂର ଏକ ସଂକଳ୍ପ ହୋଇଛି । ଏନ୍‌ସିସି’ ଏକତା, ଶୃଙ୍ଖଳା ଏବଂ ନିରନ୍ତର ଭାବେ ଦେଶ ପ୍ରତି ତାହାର କର୍ତ୍ତବ୍ୟ ପୀଢ଼ି ପରେ ପୀଢ଼ି ପାଳନ କରିଆସିଛି । ବିଭିନ୍ନ କାର୍ଯ୍ୟକ୍ରମରେ ଏନ୍‌ସିସି କ୍ୟାଡେଟ୍‌ଙ୍କ ଅଂଶଗ୍ରହଣ ଏବଂ ସଫଳତାକୁ ଶ୍ରୀ ରାଧାକୃଷ୍ଣନ ପ୍ରଶଂସା କରିଛନ୍ତି । ବିଭିନ୍ନ କ୍ଷେତ୍ରରେ ଏନ୍‌ସିସି ଗ୍ରହଣ କରୁଥିବା ପଦକ୍ଷେପ ଗୁଡ଼ିକ ଉପରେ ଉପରାଷ୍ଟ୍ରପତି ଏହି ଅବସରରେ ଆଲୋକପାତ କରିଛନ୍ତି ।

## ୟୁଏନ୍‌ଏସ୍‌ସି-ଭେନେଜୁଆଲା

ଭେନେଜୁଆଲାରେ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନ ପରିପ୍ରେକ୍ଷୀରେ ଜାତିସଂଘ ସୁରକ୍ଷା ପରିଷଦ ପକ୍ଷରୁ ଆଜି ଏକ ଜରୁରୀକାଳୀନ ବୈଠକ ଡକାଯାଇଛି । ପରିଷଦର ଅସ୍ଥାୟୀ ସଦସ୍ୟ କଲମ୍ବିଆର ଅନୁରୋଧ କ୍ରମେ ଏହି ବୈଠକ ଡକାଯାଇଥିବା ଜଣାପଡିଛି । କଲମ୍ବିଆର ଅନୁରୋଧକୁ ସ୍ଥାୟୀ ସଦସ୍ୟ ଚୀନ୍ ଏବଂ ରୁଷ୍ ସମର୍ଥନ କରିଛନ୍ତି । ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ ଭେନେଜୁଆଲାରେ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନକୁ ଏକ ବିପଜ୍ଜନକ ପଦକ୍ଷେପ ଭାବେ ବର୍ଣ୍ଣନା କରିଛନ୍ତି । ଜାତିସଂଘ ମୁଖପାତ୍ର ଷ୍ଟିଫେନ ଡୁଜାରିକ କହିଛନ୍ତି ଆମେରିକାର ଏହି ପଦକ୍ଷେପ ତଥା ଆନ୍ତର୍ଜାତିକ ଆଇନ୍‌ର ଉଲ୍ଲଙ୍ଘନ ନେଇ ମହାସଚିବ ଗୁଟେରସ ଗଭୀର ଚିନ୍ତାପ୍ରକଟ କରିଛନ୍ତି ।

# ଚାଇନା-ଆମେରିକା

ଭେନେଜୁଏଲାର ରାଷ୍ଟ୍ରପତି ନିକୋଲାସ ମଦୁରାଙ୍କ ଉପରେ ଆମେରିକାର କାର୍ଯ୍ୟାନୁଷ୍ଠାନକୁ ଚୀନ୍ ତୀବ୍ର ସମାଲୋଚନା କରିଛି । ଆମେରିକାର ଏଭଳି କାର୍ଯ୍ୟ ଏକପାଖିଆ ଗୁଣ୍ଡାଗିରି ତଥା ସ୍ୱଘୋଷିତ ସୁରକ୍ଷା ତଥା ଆନ୍ତର୍ଜାତିକ ବିଚାରପତିଭାବେ ସମାଲୋଚନା କରି ଚୀନ୍ କହିଛି ବିଶ୍ୱର ପ୍ରତ୍ୟେକ ଦେଶ ଏହାକୁ ପ୍ରତ୍ୟାଖାନ କରିବା ଉଚିତ୍ । ଚୀନ୍‌ର ବୈଦେଶିକ ମନ୍ତ୍ରୀ ୱାଙ୍ଗ୍ ଇ କହିଛନ୍ତି ଏଭଳି ପଦକ୍ଷେପ ବିଶ୍ୱରେ ଅସ୍ଥିରତା ସୃଷ୍ଟି କରୁଛି । ପ୍ରତ୍ୟେକ ଦେଶ ସାର୍ବଭୌମତ୍ୱକୁ ଅନ୍ତର୍ଜାତୀୟ ଆଇନ୍ ଅନୁଯାୟୀ ସୁରକ୍ଷିତ ରଖିବା ଉପରେ ଚୀନ୍ ଗୁରୁତ୍ୱ ପ୍ରଦାନ କରିଛି । ଆଲୋଚନା ଏବଂ ସହଯୋଗ ମାଧ୍ୟମରେ ବିବାଦର ସମାଧାନକୁ ଚୀନ୍ ସମର୍ଥନ ପ୍ରଦାନ କରେ ବୋଲି ମନ୍ତ୍ରୀ ଶ୍ରୀ ୱାଙ୍ଗ୍ କହିଛନ୍ତି ।

ଭେନେଜୁଆଲାର ରାଷ୍ଟ୍ରପତି ମାଦୁରାଙ୍କୁ ଗତ ଶନିବାର ଆମେରିକା ସେନା ଅଟକ ରଖିବା ସହ ନିଜ ହେପାଜତରେ ରଖିଛନ୍ତି । ଉପରାଷ୍ଟ୍ରପତି ଡେଲସୀ ରୋଡ୍ରିଗୀଜ୍ କାର୍ଯ୍ୟକାରୀ ରାଷ୍ଟ୍ରପତି ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭେନେଜୁଆଲାର ଅଶୋଧିତ ତୈଳକ୍ଷେତ୍ର ଉପରେ ଆମେରିକା ପ୍ରବେଶକୁ ଅନୁମତି ପ୍ରଦାନ କରିବାକୁ ରୋଡ୍ରିଗୀଜ୍‌ଙ୍କୁ ଅନୁରୋଧ କରିଛନ୍ତି । ନଚେତ୍ ରୋଡ୍ରିଗୀଜ୍‌ଙ୍କୁ ମାଦୁରୋଙ୍କ ଠାରୁ ଅଧିକ ଖରାପ ପରିଣାମ ଭୋଗ କରିବାକୁ ପଡିବ ବୋଲି ଶ୍ରୀ ଟ୍ରମ୍ପ ଚେତାବନୀ ଦେଇଛନ୍ତି ।

ଅନ୍ୟପକ୍ଷରେ ଭେନେଜୁଆଲାରେ ଆମେରିକାର ସାମରିକ ଅଭିଯାନ ସମୟରେ କ୍ୟୁବାର ୩୨ଜଣ ସାମରିକ ତଥା ସୁରକ୍ଷା ଅଧିକାରୀ ନିହତ ହୋଇଥିବା କ୍ୟୁବା ସରକାର ଅଭିଯୋଗ କରିଛନ୍ତି । ଏକ ମିଶନରେ ସେହି ଅଧିକାରୀମାନେ ଭେନେଜୁଆଲାରେ କାର୍ଯ୍ୟରତ ଥିଲେ ବୋଲି କ୍ୟୁବା କହିଛି । ସେହି ଅଧିକାରୀଙ୍କ ସ୍ମୃତି ଉଦ୍ଦେଶ୍ୟରେ କ୍ୟୁବାରେ ୨ଦିନ ଶୋକ ପାଳନ କରାଯାଉଛି ।

ଆମେରିକା ଭେନେଜୁଆଲାକୁ ଶାସନ କରିବ ନାହିଁ ବରଂ ରାଜନୈତିକ ପରିବର୍ତ୍ତନକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ତୈଳକ୍ଷେତ୍ରକୁ ବ୍ୟବହାର କରିବ ବୋଲି ୱାଶିଂଟନ ସ୍ପଷ୍ଟ କରିଛି । ବୈଦେଶିକ ମନ୍ତ୍ରୀ ମାର୍କ ରୁବିଓ ଏକ ଆଲୋଚନା କାର୍ଯ୍ୟକ୍ରମରେ ଯୋଗଦେଇ ଏହା ଘୋଷଣା କରିଛନ୍ତି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଜମାକାରୀଙ୍କ ସୁବିଧା ଓ ସୁରକ୍ଷା ବୃଦ୍ଧି ପାଇଁ ବ୍ୟାଙ୍କିଙ୍ଗ ଅଭ୍ୟାସରେ ସାମ୍ପ୍ରତିକ ପରିବର୍ତ୍ତନ** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବ୍ୟାଙ୍କିଙ୍ଗ ଆଣ୍ଡ୍ ଫାଇନାନ୍ସ ଏବଂ ପୂର୍ବତନ ବରିଷ୍ଠ ବ୍ୟାଙ୍କିଙ୍ଗ ପ୍ରଫେସନାଲ ଡକ୍ଟର ନରିନ୍ଦର କୁମାର ଭାସିନ ଏବଂ ସିଜିଏମ୍, ଅପରେସନ ମେରୀ ସାଗ୍ୟା ଧନପାଲ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ

ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117, 23314444, 23310481 ଏବଂ 23717106 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

## କ୍ରିକେଟ୍

ଦକ୍ଷିଣ ଆଫ୍ରିକାର ବେନୋନିଠାରେ ୧୯ବର୍ଷରୁ କମ୍ ଭାରତ-ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଯୁବ ଆନ୍ତର୍ଜାତିକ ଏକଦିବସୀୟ କ୍ରିକେଟ୍ ମ୍ୟାଚ୍ ଜାରି ରହିଛି । ଚଳିତ ତିନିଟିକିଆ ସିରିଜ୍‌ର ଏହି ଦ୍ୱିତୀୟ ମ୍ୟାଚ୍‌ରେ ଟସ୍ ଜିତି ଦକ୍ଷିଣ ଆଫ୍ରିକା ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ସମ୍ବାଦ ପ୍ରସ୍ତୁତ ହେଲା ବେଳକୁ ଦକ୍ଷିଣ ଆଫ୍ରିକା ୧୦ ଓଭରରେ ୨ଟି ୱିକେଟ୍ ହରାଇ ୫୬ରନ୍ ସଂଗ୍ରହ କରିଥିଲା । ପ୍ରଥମ ମ୍ୟାଚ୍‌ରେ ଭାରତ ଦକ୍ଷିଣ ଆଫ୍ରିକାକୁ ୨୫ ରନ୍‌ରେ ପରାସ୍ତ କରିଥିଲା ।